ସକାଳ THE SAKALA



## ଆଜାଦ୍ ନଗର ବୋମା ବିସ୍ଫୋରଣ ଘଟଣା

# ଦୁର୍ବୃତ୍ତଙ୍କ ଟାର୍ଗେଟ୍‌ରେ ଥିଲା ଜଟଣୀ !

### ଥାନାରୁ ତଥ୍ୟ ସଂଗ୍ରହ କଲା ଏନ୍‌ଆଇଏ ଟିମ୍

ଭୁବନେଶ୍ୱର, ୯।୪(ସମିସ)

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ସୁନ୍ଦରପଦା ଆଜାଦନଗର ବୋମା ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଅଧିକ ଖୋଳତାଡ଼ ଜାରି ରହିଛି। ମୁଖ୍ୟ ଅଭିଯୁକ୍ତ ତଥା ମୃତ ସେହେନୱାଜ୍ ମଲ୍ଲିକ ଓରଫ ମଫିର ଦୁଇ ସହଯୋଗୀଙ୍କୁ ଏନ୍‌ଆଇଏ ପଚରାଉଚରା କରୁଥିବା ଜଣାପଡ଼ିଛି। ପୂର୍ବରୁ ପୁଲିସ ଏମାନଙ୍କୁ ପଚରାଉଚରା କରିଥିଲା ବେଳେ ଏବେ ଏନ୍‌ଆଇଏ ମଧ୍ୟ ପଚରାଉଚରା କରୁଛି। ମଫିର ସହଯୋଗୀ ଅମୀୟ ମଲ୍ଲିକ ଏହି ସମୟରେ ଚାଞ୍ଚଲ୍ୟକର ତଥ୍ୟ ଦେଇଥିବା ଜଣାପଡ଼ିଛି। ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଏକ ସଭାକୁ ଏମାନେ ଟାର୍ଗେଟ କରିଥିଲେ। ଏହି ସଭାସ୍ଥଳ କିମ୍ବା ଏହାର ନିକଟବର୍ତ୍ତୀ ଅଞ୍ଚଳକୁ ବୋମା ଫିଙ୍ଗା ଯାଇଥା'ନ୍ତା ବୋଲି ସେ କହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଜଟଣୀ ଅଞ୍ଚଳର ଏକ ସଭାକୁ ଟାର୍ଗେଟ କରାଯାଇଥା'ନ୍ତା ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା କରାଯାଉଛି। ତେବେ କେଉଁ ସଭା, କେତେ ତାରିଖରେ ଏହା ଆୟୋଜିତ ହୋଇଥାନ୍ତା, ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ୩ ଜଣିଆ ଏନଆଇଏ ଟିମ୍ ଗୁରୁବାର ଏୟାରଫିଲ୍ଡ ଥାନାକୁ ଯାଇଥିଲା। ଥାନା ଅଧିକାରିଣୀ ଦୀପିକା ଦେବୀ ରାୟଙ୍କ ସହ ଏନ୍‌ଆଇଏ ଟିମ୍ ଆଲୋଚନା କରିବା ସହ ମାମଲା ସମ୍ବନ୍ଧିତ ତଥ୍ୟ ନେଇଛନ୍ତି।

ଜବତ ରାସାୟନିକ ପଦାର୍ଥକୁ ବିଶେଷ କରି ଆତଙ୍କବାଦୀମାନେ ବ୍ୟବହାର କରନ୍ତି। ବୋମା ବିସ୍ଫୋରଣରେ ପ୍ରାଣ ହରାଇଥିବା ଅପରାଧୀ ସେହେନୱାଜ ଏହି ରାସାୟନିକ ପଦାର୍ଥ କେଉଁଠୁ ଆଣିଥିଲା, ସେନେଇ ଜାଣିବାକୁ ଏନ୍‌ଆଇଏ ଗମ୍ଭୀରତାର ସହ ତଦନ୍ତ କରୁଛି। ଏନେଇ ଲ୍ୟାବ୍ ରିପୋର୍ଟ ଆସିବା ପରେ ଭୁବନେଶ୍ୱରସ୍ଥିତ ଏନ୍‌ଆଇଏ ଶାଖା ପକ୍ଷରୁ କିଛିଦିନ ତଳେ ମାମଲା (ନଂ.୧/୨୦୨୬) ପଞ୍ଜିକୃତ କରାଯାଇଛି। ବୋମା କେଉଁଠି ବ୍ୟବହାର ହୋଇଥା'ନ୍ତା, ଏଥିରେ ଆନ୍ତଃରାଜ୍ୟ ଲିଙ୍କ୍ ଏବଂ ଆତଙ୍କୀ ଲିଙ୍କ୍ ଅଛି କି ନାହିଁ, ଏ ସମସ୍ତ ଦିଗକୁ ନେଇ ଏନ୍‌ଆଇଏ ଅନୁସନ୍ଧାନ ଚଳାଇଛି। ଏୟାରଫିଲ୍ଡ ଥାନାରେ ପୂର୍ବରୁ ଏନେଇ ମାମଲା ରୁଜୁ ହୋଇଥିବାବେଳେ ଏନ୍‌ଆଇଏ ପୂର୍ଣ୍ଣ ତଦନ୍ତ ଭାର ନେଇଛି।

ପ୍ରକାଶ ଥାଉକି, ଗତ ଜାନୁଆରୀ ୨୭ ତାରିଖରେ ମଫି ଆଜାଦନଗରସ୍ଥିତ କୋଠାର ଭଡ଼ାଘର ଛାତ ଉପରେ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ହୋଇଥିଲା। ଏଥିରେ ମଫି ସମେତ ୪ ଜଣ ଆହତ ହୋଇଥିଲେ। ବିସ୍ଫୋରଣ ଏତେ ବଡ଼ ଭୟଙ୍କର ଥିଲା ଯେ, ଛାତ ଉପର ଧୂଆଁମୟ ହୋଇଯିବା ସହ ସ୍ଥାନୀୟ ଅଞ୍ଚଳ ମଧ୍ୟ ଥରି ଉଠିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ବିସ୍ଫୋରଣରେ ମଫିର ପାପୁଲି ଛିଣ୍ଡିଯିବା ସହ ଗୋଡ଼ରୁ ମାଂସ ମଧ୍ୟ ବାହାରିଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଫି ଓ ତା' ମା'ଙ୍କର ମୃତ୍ୟୁ ହୋଇଥିଲା।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ନୟାହାଟ, ୯।୪(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତ ଧୂମାଳ ଗ୍ରାମର ଶୈଳବାଳା ମିଶ୍ର(୭୬)ଙ୍କ ବୁଧବାର ତାଙ୍କ ବାସଭବନରେ ପରଲୋକ ଘଟିଥିଲା। ସେ ଜଣେ ଧର୍ମପରାୟଣ, ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ଧୂମାଳ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ୩ ମାସ ହେଲା ନିଖୋଜ ମାଆ-ଝିଅଙ୍କ ପତ୍ତା ମିଳୁନି

ନିମାପଡ଼ା, ୯।୪(ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ପାଟପୁର ଦେଉଳି ସାହିର ସ୍ୱର୍ଗତ ଦ୍ୱିଜବର ମାଝୀଙ୍କ ବଡ଼ ଝିଅ ବୃନ୍ଦାବତୀ ଶିକାରୀ (ଆଭା-୪୨) ଗତ ଡିସେମ୍ବର ମାସରେ ନିଜର ଏକମାତ୍ର ୯ ବର୍ଷର ଝିଅକୁ ଧରି ବାପ ଘରକୁ ଆସିଥିଲେ। ଜାନୁଆରୀ ୯ରେ ନିଜ ଭାଇ ପୂର୍ଣ୍ଣଚନ୍ଦ୍ର ମାଝୀଙ୍କଠାରୁ ୫୦୦ ଟଙ୍କା ନେଇ ନିମାପଡ଼ା ବଜାରକୁ ଜିନିଷ କିଣିବା ପାଇଁ ଆସିଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ବିଭିନ୍ନ ସ୍ଥାନରେ ତାଙ୍କ ପରିବାର ଲୋକେ ଓ ଶାଶୂଘର ଲୋକେ ଖୋଜାଖୋଜି କରି ନିରାଶ ହେବା ପରେ ତାଙ୍କ ସ୍ୱାମୀ କୋଣାର୍କ ଥାନା କରମଙ୍ଗା ଗ୍ରାମର ଆଲୋକ ଶିକାରୀ ଓ ବୃନ୍ଦାବତୀଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ନିମାପଡ଼ା ଥାନାରେ ନିଖୋଜ ହେବା ସମ୍ପର୍କରେ ଅଭିଯୋଗ କରିଥିଲେ। କେହି ଅଜଣା ବ୍ୟକ୍ତି ବୃନ୍ଦାବତୀ ଓ ତାଙ୍କ ଝିଅକୁ ଅପହରଣ କରିନେଇଥିବା ସନ୍ଦେହରେ ତାଙ୍କ ସ୍ୱାମୀ ପୁଲିସକୁ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ନିମାପଡ଼ା ଥାନାରେ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ୩ ମାସ ହେଲା ପୁଲିସ ଏ ପର୍ଯ୍ୟନ୍ତ ମାଆ-ଝିଅଙ୍କ ପତ୍ତା ପାଉନାହିଁ। ଏ ପର୍ଯ୍ୟନ୍ତ ଉଭୟ ମାଆ-ଝିଅଙ୍କ କୌଣସି ପତ୍ତା ନ ମିଳିବାରୁ ବାପଘର ଲୋକେ ଓ ଶାଶୂଘର ଲୋକେ ମାଆ-ଝିଅଙ୍କ ଜୀବନ ପ୍ରତି ବିପଦ ଥିବା ଗଣମାଧ୍ୟମକୁ କହିଛନ୍ତି। କୁନି ଝିଅର ଭବିଷ୍ୟତକୁ ନେଇ ବାପା ଆଲୋକ ଓ ତାଙ୍କ ପରିବାର ଲୋକେ ଚିନ୍ତାରେ ଦିନ କାଟୁଛନ୍ତି। ତେବେ ପୁଲିସ ଅଭିଯୋଗର ତଦନ୍ତ ସହ ଅଭିଯୁକ୍ତକୁ ଗିରଫ କରି ଉଭୟ ମାଆ ଓ ଝିଅଙ୍କୁ ଉଦ୍ଧାର ପାଇଁ ପରିବାର ଲୋକେ ପୁରୀ ଏସ୍‌ପିଙ୍କୁ ନିବେଦନ କରିଛନ୍ତି। ନଚେତ୍ ବାଧ୍ୟ ହୋଇ ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ଲୋକେ ଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି।

### • ଆରମ୍ଭ ହେଲାଣି ନୂତନ ଶିକ୍ଷା ବର୍ଷ

## ଛାତ୍ରଛାତ୍ରୀଙ୍କୁ ମିଳୁନି ପାଠ୍ୟପୁସ୍ତକ

କଣାସ, ୯।୪(ସମିସ): ରାଜ୍ୟ ସରକାର ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପାଠ୍ୟ ପୁସ୍ତକ ପ୍ରତି ବର୍ଷ ମାଗଣାରେ ଯୋଗାଇ ଆସୁଛନ୍ତି। ଚଳିତ ଶିକ୍ଷା ବର୍ଷ ଏପ୍ରିଲ ୧ରୁ ଆରମ୍ଭ ହୋଇଗଲାଣି। ଚଳିତ ବର୍ଷ ମଧ୍ୟ କେତେକ ପାଠ୍ୟପୁସ୍ତକ ନବୀକରଣ କରାଯାଇଛି। ପ୍ରଥମ ଶ୍ରେଣୀର ଭାଷା ଓ ପରିବେଶ ପୁସ୍ତକ ଦିଆଯାଇ ନ ଥିବାବେଳେ ଦ୍ୱିତୀୟ ଶ୍ରେଣୀର ଭାଷା ଓ ପରିବେଶ, ତୃତୀୟ ଶ୍ରେଣୀର ଗଣିତ ବହି, ଚତୁର୍ଥ ଶ୍ରେଣୀର ଗଣିତ, ଇଂରାଜୀ, ସାହିତ୍ୟ, ପଞ୍ଚମ ଶ୍ରେଣୀର ସାହିତ୍ୟ, ଗଣିତ, ଇଂରାଜୀ, ଷଷ୍ଠ ଶ୍ରେଣୀର ସଂସ୍କୃତ, ଇତିହାସ, ଭୂଗୋଳ, ହିନ୍ଦୀ, ବିଜ୍ଞାନ, ଗଣିତ, ସପ୍ତମ ଶ୍ରେଣୀର ଇଂରାଜୀ, ଇତିହାସ, ସଂସ୍କୃତ, ହିନ୍ଦୀ, ଭୂଗୋଳ ଏବଂ ଅଷ୍ଟମ ଶ୍ରେଣୀର ଇଂରାଜୀ, ସାମାଜିକ ବିଜ୍ଞାନ, ସଂସ୍କୃତ, ହିନ୍ଦୀ, କୌଶଳବୋଧ, ଗଣିତ ପୁସ୍ତକ ଛାତ୍ରଛାତ୍ରୀମାନଙ୍କୁ ମିଳି ନ ଥିବାରୁ ଛାତ୍ରଛାତ୍ରୀମାନଙ୍କର ପାଠପଢ଼ାରେ ଗୁରୁତର ବ୍ୟାଘାତ ସୃଷ୍ଟି କରିଛି। ବିଦ୍ୟାଳୟର ଗ୍ରୀଷ୍ମକାଳୀନ ଛୁଟି ପୂର୍ବରୁ ବିଦ୍ୟାଳୟକୁ ଆସି ନ ଥିବା ପୁସ୍ତକଗୁଡ଼ିକୁ ଯୋଗାଇଦେବା ପାଇଁ ଛାତ୍ରଛାତ୍ରୀ ଅଭିଭାବକମାନେ ଦାବି କରିଛନ୍ତି।

## ରାସ୍ତାକଡ଼ରୁ ଆମ୍ବୁଲାନ୍ସ ଉଦ୍ଧାର; ଚାଳକ ଫେରାର୍




ଗୋପ, ୯।୪(ସମିସ): ଜଗତସିଂହପୁର ଅଞ୍ଚଳରୁ ଏକ ଆମ୍ବୁଲାନ୍ସ (ଓଡି ୩୩ ଆର୍-୩୧୩୦) ଗୁରୁବାର ଅପରାହ୍ଣରେ ଶବ ସତ୍କାର ନିମନ୍ତେ ପୁରୀ ସ୍ୱର୍ଗଦ୍ୱାର ଯାଇଥିଲା। ସ୍ୱର୍ଗଦ୍ୱାରରେ ଶବ ଛାଡ଼ି ଆମ୍ବୁଲାନ୍ସଟି ଜଗତସିଂହପୁରକୁ ଫେରିବା ସମୟରେ କୌଣସି ଏକ ସ୍ଥାନରେ ଦୁର୍ଘଟଣା ଘଟାଇ ରାତ୍ର ସାଢ଼େ ୮ଟା ବେଳେ ଗୋପ-ବାଲିଘାଇ ରାସ୍ତାରେ ପଳାଇଯାଉଥିଲା। ଫଳରେ କେତେକ ଯୁବକ ଏହି ଆମ୍ବୁଲାନ୍ସକୁ ଗୋଡ଼ାଇଥିଲେ। ଦ୍ରୁତ ଗତିରେ ଆମ୍ବୁଲାନ୍ସଟି ପଳାଇ ଯାଉଥିବାବେଳେ ଗଣେଶ୍ୱରପୁର ନିକଟରେ ଗାଡ଼ିର ଆଗ ପଟ ଡାହାଣ ଚକାଟି ଫାଟି ଯାଇଥିଲା। ଆମ୍ବୁଲାନ୍ସ ଚାଳକ ଜଣକ ଭୟରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କ ସହିତ ଗାଡ଼ିକୁ ଗୋଡ଼ାଇଥିବା ଯୁବକମାନେ ଘଟଣାସ୍ଥଳରେ ପହଞ୍ଚି ଚାଳକକୁ ଖୋଜିବା ବେଳକୁ ପାଇ ନ ଥିଲେ। ପରେ ଜିଲ୍ଲା ପୁଲିସର କଣ୍ଟ୍ରୋଲ ରୁମ୍ ଓ ଗୋପ ଥାନାକୁ ଏ ସମ୍ପର୍କରେ ସ୍ଥାନୀୟ ଲୋକମାନେ ଅବଗତ କରିଥିଲେ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ପାଇବା ପରେ ଗୋପ ପୁଲିସ ଆମ୍ବୁଲାନ୍ସ ଗାଡ଼ିକୁ ଥାନାକୁ ନେଇ ତଦନ୍ତ ଜାରି ରଖିଛି।

## କଣାସ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟରୁ ଚୋରି



କଣାସ, ୯।୪(ସମିସ): କଣାସ ପଞ୍ଚାୟତ ସମିତି ସମ୍ମୁଖରେ ଥିବା କଣାସ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ପଛପଟ ଗ୍ରିଲ୍ ଭାଙ୍ଗି ଦୁର୍ବୃତ୍ତ କାର୍ଯ୍ୟାଳୟରେ ପଶି ଦୁଇଟି ଇନ୍‌ଭର୍ଟର ବ୍ୟାଟେରୀ ଓ ଇନ୍‌ଭର୍ଟର ମେସିନ୍ ନେଇଯାଇଛନ୍ତି। ଗୁରୁବାର ସକାଳେ କାର୍ଯ୍ୟାଳୟ ଖୋଲିବା ପରେ ଚୋରି ଘଟଣା ଜଣାପଡ଼ିବାରୁ ସବ୍‌ରେଜିଷ୍ଟ୍ରି ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀ କଣାସ ଥାନାରେ ଅଭିଯାଗ କରିବା ପରେ କଣାସ ଏସ୍‌ଆଇ ଦେବୀ ପ୍ରସାଦ ଲେଙ୍କା ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଥିବା ଜଣାପଡ଼ିଛି। ସିସିଟିଭି ଫୁଟେଜ୍‌ରୁ କେହି ଜଣେ ଦୁର୍ବୃତ୍ତ ଚୋରି କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଜନସାଧାରଣରେ ଦାବି ହେଉଛି।

## ଗୋପିନାଥ ଦେବ ନୋଡାଲ ୟୁପିଏସ୍‌ର ବାର୍ଷିକ ଉତ୍ସବ

ଗୋପ, ୯।୪(ସମିସ): ଗୋପ ବ୍ଲକ୍ ଅନ୍ତର୍ଗତ ନନ୍ଦିଗୋରଡ଼ା ଗ୍ରାମସ୍ଥିତ ଗୋପିନାଥ ଦେବ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏକ ସୁଶୋଭିତ ମଞ୍ଚରେ ଛାତ୍ରଛାତ୍ରୀମାନେ ବକ୍ତୃତା ଦେବା ସହିତ ନାଚ, ଗୀତ ପରିବେଷଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ତୃତୀୟ ଶ୍ରେଣୀ ଛାତ୍ର ସୋମନାଥ ଆଚାର୍ଯ୍ୟଙ୍କ ଓଜସ୍ୱୀ ଭାଷଣ ଅତିଥିମାନଙ୍କୁ ବିମୋହିତ କରିଥିଲା। ପ୍ରଧାନଶିକ୍ଷକ ରମାକାନ୍ତ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ଅତିଥି ରୂପେ ଶିକ୍ଷାବିତ୍ ସୁକାନ୍ତ କୁମାର ଶତ୍ରୁଶଲ୍ୟ, ଗୋପ ଏବିଇଓ ତଥା ବିଆର୍‌ସିସି ଦେବେନ୍ଦ୍ରନାଥ କାଣ୍ଡି, ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଶିବଦତ୍ତ ନାୟକ, ଗୋପ ବ୍ଲକ୍ ଶିକ୍ଷକ ସମନ୍ୱୟ ସମିତିର ସଭାପତି ଅଜୟ କୁମାର ରଥ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ସିଆର୍‌ସିସି ଗିରିଜା ଭୂଷଣ ସେଠୀ, ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ପାଣି ଯୋଗଦେଇ ଛାତ୍ରଛାତ୍ରୀଙ୍କର ଶୈକ୍ଷିକ ଓ ସହଶୈକ୍ଷିକ ସାଫଲ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ପ୍ରଧାନ, ଅକ୍ଷୟ ଜେନା, ଅଯୋଧ୍ୟାନାଥ ରାଉତ ଓ ଶିକ୍ଷୟିତ୍ରୀ ନିହାରିକା କାଣ୍ଡିଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଓ ପାଚିକାମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।




## ମା' ବିଶେଶ୍ୱରୀଙ୍କ ଝାମୁ ଯାତ୍ରା

ନୟାହାଟ, ୯।୪(ସମିସ): ନୟାହାଟରେ ଥିବା ମା' ବିଶେଶ୍ୱରୀଙ୍କ ଝାମୁ ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ ଗାଦି ଦୋଳ ବାରିହାଟ ମେଳଣ ପଡ଼ିଆରେ ଭୋଗ ଖାଇସାରିବା ପରେ ଘଣ୍ଟ ପାଟୁଆମାନେ ନିକଟସ୍ଥ ପ୍ରାଚୀ ନଦୀରୁ ଘଟ ଉତ୍ତୋଳନ କରି ଖାଲି ପାଦରେ ଚାଲି ଚାଲି ଆସି ମା'ଙ୍କ ନିକଟରେ ପହଞ୍ଚି ଧାଇରେ ଅଙ୍ଗାରରେ ନିଆଁ ଲଗାଯାଇ ଖାଲି ପାଦରେ ଘଣ୍ଟ ପାଟୁଆ ଚାଲିଥିଲେ। ଏହାକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ସମାଗମ ହୋଇଥିଲା। ବିଚିତ୍ରାନନ୍ଦ ପାତ୍ର, ବିପିନ ରାୟ, କୈଳାସ ରାଉତ, ବାବୁ ମିଶ୍ର ପ୍ରମୁଖଙ୍କ ଉଦ୍ୟମରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଉକ୍ତ ଯାତ୍ରା ୫୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି କିମ୍ବଦନ୍ତୀରୁ ଜଣାପଡ଼େ ଭକ୍ତମାନେ ମା'ଙ୍କ ନିକଟରେ ପଣା ଓ ଭୋଗରାଗ କରି ଆଶୀର୍ବାଦ ଭିକ୍ଷା କରିଥିଲେ।



## ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ ପୂର୍ଣ୍ଣାହୁତି

ସାକ୍ଷୀଗୋପାଳ, ୯।୪(ସମିସ): ସ୍ଥାନୀୟ ଜୟପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସେନାପତି ସାହି, କମାରସାହି, ମଠ ସାହି ଗ୍ରାମର ଆରାଧ୍ୟା ଠାକୁରାଣୀ ମା' ଜାଗେଶ୍ୱରୀ ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ଚାଲିଥିବା ଚାରିଦିନ ବ୍ୟାପୀ ଯଜ୍ଞ ଗୁରୁବାର ପୂର୍ଣ୍ଣାହୁତି ହୋଇଛି। ବିଗ୍ରହ ପ୍ରତିଷ୍ଠା ପରେ ଏକ ସୁସଜ୍ଜିତ ରଥରେ ଦେବୀ ପ୍ରତିମାଙ୍କୁ ବିଜେ କରାଯାଇଥିଲା। ଫୁଲମାଳ, ଟାହିଆ ଲାଗି କରାଯିବା ସହ ରଥ ଗ୍ରାମ ପରିକ୍ରମା କରିଥିଲା। ଏହି ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାରେ ଛତ୍ରୀ, ତ୍ରାସ, ବୈରାଖ, ଘଣ୍ଟ ମର୍ଦ୍ଦଳ, ହରିରାମ ସଂକୀର୍ତ୍ତନ, ନାଗା ନୃତ୍ୟ, ମେଢ଼ ନୃତ୍ୟ ସହ ଗ୍ରାମର ମହିଳା ଓ ପୁରୁଷମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ସେନାପତି ସାହି, କମାର ସାହି, ମଠସାହି ଓ ସାକ୍ଷୀଗୋପାଳ ମନ୍ଦିର ପରିକ୍ରମା କରିବା ପରେ ଦେବୀ ପ୍ରତିମାଙ୍କୁ ମନ୍ଦିର ପ୍ରବେଶ ଓ ସିଂହାସନକୁ ବିଜେ କରାଯାଇଥିଲା। କର୍ତ୍ତା ଭାବରେ କୃପାସିନ୍ଧୁ ଜେନା ଓ ଗହଳି ଜେନା ଏବଂ ରଶ୍ମିରଞ୍ଜନ ପଟ୍ଟନାୟକ ଓ ଗାୟତ୍ରୀ ପଟ୍ଟନାୟକ କାର୍ଯ୍ୟ ନିର୍ବାହ କରିଥିଲେ। ପୁରୋଧା ଭାବେ ପଣ୍ଡିତ ପଦ୍ମନାଭ ଷଡ଼ଙ୍ଗୀ, ପଣ୍ଡିତ ରବିନାରାୟଣ ମହାପାତ୍ର, ଆଚାର୍ଯ୍ୟ ନାରାୟଣ ନନ୍ଦ, ପଣ୍ଡିତ ବସନ୍ତ କୁମାର ମହାପାତ୍ର, ପଣ୍ଡିତ ଶିବାଶିଷ ମହାପାତ୍ର, ପଣ୍ଡିତ ମନୋଜ ପାଣିଗ୍ରାହୀ, ପଣ୍ଡିତ ରଶ୍ମିରଞ୍ଜନ ମିଶ୍ର ପୂର୍ଣ୍ଣାହୁତି, ଆଳତି, ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ସମବେତ ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପବେଇ ସେନାପତି, ରବି ପ୍ରଧାନ, କେଦାର ସେନାପତି, ରାଜକିଶୋର ସେନାପତି, କାହ୍ନୁ ସେନାପତି, ଲବକିଶୋର ଦଳାଇ, ସୌରଭ ପଟ୍ଟନାୟକ, ଜୟକୃଷ୍ଣ ମହାରଣା, କୃଷ୍ଣ ଚନ୍ଦ୍ର ମହାରଣା, ପପୁ ମହାରଣା, ଦିପୁ ମହାରଣା, ହାଡ଼ିବନ୍ଧୁ ପ୍ରଧାନ, ନବକିଶୋର ସେନାପତି, ସଞ୍ଜୟ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।



## କବିତା ପାଠୋତ୍ସବ ଓ ସାହିତ୍ୟ ଆଲୋଚନାଚକ୍ର

ଡେଲାଙ୍ଗ, ୯।୪(ସମିସ): ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କବିତା ପାଠୋତ୍ସବ ଓ ସାହିତ୍ୟ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ପ୍ରଧାନଶିକ୍ଷକ ଅଭୟ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ବ୍ଲକ୍ ଉନ୍ନୟନ ଅଧିକାରୀ ସମୀର ବେହେରା, ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ନୀଳଶୈଳ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଓଡ଼ିଆ କବିତାପାଠ, ସାହିତ୍ୟକୁ ଉଜ୍ଜିବୀତ ରଖିବା ପାଇଁ ଅବଦାନ ଥିବା ସାହିତ୍ୟରଥିଙ୍କ ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ସାହିତ୍ୟିକ କାଶୀନାଥ ମହାପାତ୍ର, ଶିକ୍ଷାବିତ୍ ସନ୍ତୋଷ କୁମାର ମହାନ୍ତି, ଗାନ୍ଧୀତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ୍, କବି ପ୍ରଭାତ କୁମାର ସେଠୀ, ସୁଦର୍ଶନ ପ୍ରଧାନ, କବୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, କବି ରୋହିତ ଚମ୍ପତି, ଜିତେନ୍ଦ୍ର ପ୍ରଧାନ, ନମିତା ସ୍ୱାଇଁ, ଗଣେଶ ପ୍ରସାଦ ବାରିକ୍ ପ୍ରମୁଖ ଓଡ଼ିଆ ଅସ୍ମିତା, ଭାଷା, ସାହିତ୍ୟ, ସଂସ୍କୃତିକୁ ନେଇ କବିତାପାଠ କରିବା ସହିତ ଓଡ଼ିଆ ଭାଷାର ଉନ୍ନତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଅଜୟ ବଳିୟାରସିଂହ ସଭା ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ପ୍ରଜ୍ଞାପରିମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ।



## ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ

କଣାସ, ୯।୪(ସମିସ): କଣାସରେ ପ୍ରତିଷ୍ଠିତ ଏକମାତ୍ର ଇଂରାଜୀ ମାଧ୍ୟମ ସ୍କୁଲରେ ବୁଧବାର ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଉତ୍ସବ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ନୂତନ ଭାବେ ୩୫ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ସ୍କୁଲର ପୁରାତନ ଛାତ୍ରଛାତ୍ରୀମାନେ ନବାଗତମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ନବାଗତମାନଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏବଂ ସେମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବ ସ୍କୁଲର ଅଧ୍ୟକ୍ଷା ନୀଳିମା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ଅନନ୍ୟା ପ୍ରିୟଦର୍ଶିନୀ ସୁଚାରୁ ଭାବେ ପରିଚାଳନା କରିଥିଲେ।



## କିଡ୍‌ନୀ ରୋଗରେ ଆକ୍ରାନ୍ତ କ୍ଷେତ୍ରା ଚିକିତ୍ସା ନିମନ୍ତେ ଅର୍ଥାଭାବ ବାଧକ

# ପର ଘରେ ବାସନ ମାଜି ସ୍ୱାମୀଙ୍କ ପାଇଁ ଔଷଧ କିଣୁଛନ୍ତି ସନ୍ତୋଷୀ

### ଦୁଇ ଓଳି ଦିମୁଠା ଆହାର ପାଉନାହାନ୍ତି ତିନି ପିଲା

ସାକ୍ଷୀଗୋପାଳ, ୯।୪(ସମିସ)

ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବଳପୁର ପଞ୍ଚାୟତ ଦିହୁଡ଼ିସାହିର କ୍ଷେତ୍ରା ପ୍ରଧାନ (୪୨) ମାରାତ୍ମକ କିଡ୍‌ନୀ ରୋଗରେ ପୀଡ଼ିତ ଅଛନ୍ତି। ଅତ୍ୟନ୍ତ ଗରିବ ହୋଇଥିବାରୁ ଚିକିତ୍ସା ପାଇଁ ଅର୍ଥାଭାବ ସାଜିଛି ବାଧକ। ତେବେ ଭଲ ହେବା ପାଇଁ ଆର୍ଥିକ ସହଯୋଗ କରିବାକୁ ନେହୁରା ହେଉଛନ୍ତି। ତିନି ପିଲାଙ୍କ ମୁହଁରେ ଦୁଇଓଳି ଦୁଇମୁଠା ଖାଦ୍ୟ ଦେଇପାରୁ ନ ଥିବାବେଳେ ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ସଂଘର୍ଷ କରୁଛନ୍ତି ସ୍ତ୍ରୀ ସନ୍ତୋଷୀ ପ୍ରଧାନ। ପର ଘରେ ବାସନ ମାଜି ସ୍ୱାମୀଙ୍କ ପାଇଁ ଔଷଧ କିଣୁଛନ୍ତି ବୋଲି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।

ପ୍ରାୟ ଦୁଇ ବର୍ଷରୁ ଅଧିକ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି କ୍ଷେତ୍ରା। ଔଷଧ ବାବଦ ମାସକୁ ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହେଉଥିବାବେଳେ ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ନିଜ ଘରୁ ବାହାରକୁ ବାହାରୁ ନ ଥିବା ସ୍ତ୍ରୀ ସନ୍ତୋଷୀ ଦିନ ରାତି ଏକ କରିଦେଇଛନ୍ତି। କ୍ଷେତ୍ରା ଆଗରୁ ଶ୍ରମିକ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ପରିବାର କହିଲେ ସ୍ତ୍ରୀ ସନ୍ତୋଷୀ, ଦୁଇଟି ଝିଅ ଶୁଭଶ୍ରୀ (୧୪), ଲିଜା (୧୨) ଓ ସାନପୁଅ ସୋମନାଥ (୮)। ଶୁଭଶ୍ରୀ ନବମ ଶ୍ରେଣୀରେ ପାଠ ପଢୁଥିଲାବେଳେ ଲିଜା ଷଷ୍ଠ ଓ ପୁଅ ସୋମନାଥ ତୃତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ବାପାଙ୍କ ଦେହ ଖରାପ ଯୋଗୁଁ ଅର୍ଥାଭାବରୁ ତିନି ପିଲାଙ୍କ ପାଠପଢ଼ାରେ ମଧ୍ୟ ଡୋରି ବନ୍ଧା ହୋଇଗଲାଣି। ସନ୍ତୋଷୀ ଅନ୍ୟ ଘରେ କାମଧନ୍ଦା ଓ ବାସନ ମାଜି ଯାହା କିଛି ଅର୍ଥ ଉପାର୍ଜନ କରୁଛନ୍ତି ତାହା ସ୍ୱାମୀଙ୍କ ମାସିକ ଔଷଧ ଖର୍ଚ୍ଚ ବାବଦକୁ ନିଅଣ୍ଟ ହେଉଛି।



ଆଗକୁ କିଭଳି ସ୍ୱାମୀଙ୍କ ଚିକିତ୍ସା ସହ ପିଲାଙ୍କ ପାଠପଢ଼ା ଓ ଖାଇବା କଥା ବୁଝିବି ବୋଲି କୋହଭରା କଣ୍ଠରେ ପ୍ରକାଶ କରିଚନ୍ତି। ପରିବାରର ବୋଝ ମୁଣ୍ଡେଇ ଜୀବନ ଯୁଦ୍ଧରେ ଅଣନିଃଶ୍ୱାସୀ ହୋଇ ସ୍ୱାମୀ ଓ ପିଲାମାନଙ୍କର ଆଉ ଏଭଳି କଷ୍ଟ ଦେଖିବା ଅପେକ୍ଷା ନିଜର ମୃତ୍ୟୁ ହୋଇଗଲେ ଭଲ ହୁଅନ୍ତା ବୋଲି କୁହନ୍ତି ସନ୍ତୋଷୀ।

ଏପଟେ ବାପା ଶଯ୍ୟାରୁ ଉଠି ନିଜ ନିତ୍ୟକର୍ମ ନିଜେ କରିପାରୁ ନ ଥିବାରୁ ବଡ଼ ଝିଅ ଶୁଭଶ୍ରୀ ବାପାଙ୍କୁ ପ୍ରତ୍ୟେକ ସମୟରେ ଜଗି ରହିବା ସହ ସାନ ଭଉଣୀ ଓ ସାନ ଭାଇର ଦେଖାଶୁଣା କରୁଛନ୍ତି। ବାପାଙ୍କ ଚିକିତ୍ସା ନିମନ୍ତେ ଅର୍ଥର ଆବଶ୍ୟକ ଥିବାରୁ ପ୍ରଶାସନ ତଥା ସହୃଦୟ ବ୍ୟକ୍ତିଙ୍କ ସହଯୋଗ ରହିଲେ ବାପା ଭଲ ହୋଇଯିବେ ବୋଲି କୁହନ୍ତି ଶୁଭଶ୍ରୀ। ଅନ୍ୟପଟେ ସତ୍ୟବାଦୀ କିମ୍ବା ପୁରୀ ଜିଲ୍ଲାର ସାମାଜିକ ସଂଗଠନଗୁଡ଼ିକ କ୍ଷେତ୍ରାଙ୍କ ପରି ଅନ୍ୟ ପରିବାର ପ୍ରତି ସହଯୋଗର ହାତ ବଢ଼ାଇଲେ ଉକ୍ତ ପରିବାରଗୁଡ଼ିକ ପୁନର୍ବାର ହସି ଉଠନ୍ତା ବୋଲି ଉକ୍ତ ଅଞ୍ଚଳର ସାମାଜିକ କର୍ମୀ ସୁଶୀଲ ସାହୁ କହିଛନ୍ତି। ତେବେ କ୍ଷେତ୍ରାଙ୍କୁ ଆର୍ଥିକ ସହଯୋଗ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଆକାଉଣ୍ଟ ନମ୍ବର ୩୩୭୫୫୦୯୬୩୭୯, ଆଇଏଫ୍‌ଏସ୍‌ସି କୋଡ୍ ଏସ୍‌ବିଆଇଏନ୍୦୦୦୨୧୮ ଓ ଫୋନ୍ ପେ' ନମ୍ବର ୬୩୭୨୪୫୪୭୫୬ରେ ସହାୟତା ପ୍ରଦାନ ପାଇଁ ସନ୍ତୋଷୀ ନିବେଦନ କରିଛନ୍ତି।


॥ ପ୍ରଥମ ଶ୍ରାଦ୍ଧବାର୍ଷିକୀ ॥



✓ ଲକ୍ଷ୍ମୀକାନ୍ତ ବାରିକ୍

ଚୁଳିଆପୋଷି, ଉଦଳା, ମୟୂରଭଞ୍ଜ

ଆବିର୍ଭାବ : ୧୮.୦୪.୧୯୪୧, ତିରୋଧାନ : ୦୯.୦୪.୨୦୨୫

ତୁମେ ଆମ ପାଇଁ ଦୁନିଆର ସର୍ବଶ୍ରେଷ୍ଠ ସର୍ବଶକ୍ତିମାନ ଏକ ଅବ୍ୟକ୍ତ ଅନୁଭବ।
ନିର୍ଭୟର ସୁରକ୍ଷା ପ୍ରାଚୀର ଟିଏ, ପ୍ରେରଣା ଓ ପ୍ରତିଷ୍ଠାର ଶାନ୍ତି ମନ୍ଦିର ଟିଏ,
ତ୍ୟାଗ ଓ ତୀତିକ୍ଷାର ଠାକୁର ଟିଏ, ଆମ ସବୁ ସମ୍ଭବର ପ୍ରଛଦପଟ ନାୟକ ତୁମେ।
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମ ଅମରାତ୍ମା ସଦଗତି ଲାଗି
ମହାପ୍ରଭୁଙ୍କ ଠାରେ ପ୍ରାର୍ଥନା।
ହତଭାଗ୍ୟ ପୁତ୍ରଗଣ: ଦିଲ୍ଲୀପ, ପ୍ରଦୀପ, ସଞ୍ଜୀବ
ତଥା ବନ୍ଧୁ ଓ ପରିବାରବର୍ଗ


## କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ମହାସଂଘର ବାର୍ଷିକ ଉତ୍ସବ

ପୁରୀ, ୯।୪(ସମିସ): ପୁରୀ ମହାନଗର ନିଗମ ଅନ୍ତର୍ଗତ କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ମହାସଂଘର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ଡ. ସମ୍ବିତ୍ ପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ମହାସଂଘର ଉପଦେଷ୍ଟା ପୂର୍ବତନ ପୌର ସଦସ୍ୟ ସୁଦର୍ଶନ ସାହୁ, ସମାଜସେବୀ ସନ୍ତୋଷ ମିଶ୍ର, ସଂଗଠିକା ସ୍ମିତାଞ୍ଜଳି ପତି, ପୂର୍ବତନ ପୌର ସଦସ୍ୟ ସୁବାସ ସାହୁ ଓ ରାଜାରାମ ରେଡ୍ଡି ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶୀ କଳାକାରଙ୍କ ଦ୍ୱାରା ନୃତ୍ୟ ଓ ଯୋଗକଳାବିତ୍ ଅଦିତି ମିଶ୍ର ନିଜ ଦକ୍ଷତା ପରିବେଷଣ କରିଥିଲେ। ମହାସଂଘ ତରଫରୁ ଅଞ୍ଚଳର ସମସ୍ତ ଦେବଦେବୀ ମନ୍ଦିରର ପୂଜକ, ଅଙ୍ଗନବାଡ଼ି କର୍ମୀ, ଆଶା, ସ୍ୱଚ୍ଛସାଥୀ, ଜଳସାଥୀ, ବରିଷ୍ଠ ମୂର୍ତ୍ତି ଶିଳ୍ପୀ, କୀର୍ତ୍ତନ ମଣ୍ଡଳୀ, ସମାଜସେବୀ, ମୁଷ୍ଟିଯୋଦ୍ଧା, ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ମ୍ୟୁଜିକ୍ ଚେୟାରରେ ପ୍ରଥମ ହୋଇଥିବା ଚଞ୍ଚଳୀ ସାହୁ, ଦ୍ୱିତୀୟ ସୁକାନ୍ତୀ ମହାଳିକ, ତୃତୀୟ ଶୁଭଲକ୍ଷ୍ମୀ ପଟ୍ଟନାୟକ, ମୁରୁଜ ପ୍ରତିଯୋଗିତାରେ ପ୍ରଥମ ରୋଜାଲିନ ମୁଦୁଲି, ଦ୍ୱିତୀୟ ବବିତା ମହାପାତ୍ର ଓ ତୃତୀୟ ସସ୍ମିତା ବିଶୋଇ, ବଲ୍ ବକେଟ ଏବଂ ପାପୋଛ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ମହିଳା ସମିତିର ସଭ୍ୟମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ମହାସଂଘର ସମ୍ପାଦିକା ମାମିନା ସିହ୍ନା, ଜ୍ୟୋତ୍ସ୍ନା ମହାନ୍ତି, ଅପର୍ଣ୍ଣା ଗୋଚ୍ଛାୟତ, ସଂଯୁକ୍ତା ସ୍ୱାଇଁ, ଭାନୁମତି ସ୍ୱାଇଁ, ଶୁଭଲକ୍ଷ୍ମୀ ରାୟ, ରଞ୍ଜିତା ପଟ୍ଟନାୟକ, ଭାଗ୍ୟଲକ୍ଷ୍ମୀ ସାହୁ, ଅନ୍ନପୂର୍ଣ୍ଣା ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ବଜ୍ରପାତରେ ନାବାଳିକା ଗୁରୁତର

ଅସ୍ତରଙ୍ଗ, ୯।୪(ସମିସ): ଅଦିନିଆ କାଳବୈଶାଖୀ ପ୍ରଭାବରେ ପ୍ରଭାବିତ ହୋଇଛନ୍ତି ଉପକୂଳବାସୀ। ଗୁରୁବାର କାଳବୈଶାଖୀ ପ୍ରଭାବରେ ଅସ୍ତରଙ୍ଗ ଅଞ୍ଚଳରେ ମଧ୍ୟାହ୍ନ ସମୟରେ ପ୍ରବଳ ବର୍ଷା ସହିତ ଘଡ଼ଘଡ଼ି, ବିଜୁଳି ମାରିଥିଲା। ଏହି ଅବସ୍ଥାରେ ଅସ୍ତରଙ୍ଗ ବ୍ଲକ୍ ଆଳସାହି ଗ୍ରାମରେ ଇନ୍ଦ୍ରମଣି ବେହେରାଙ୍କ ୧୦ ବର୍ଷୀୟା ନାବାଳିକା ଝିଅ ଛାତ ଉପରେ ଖେଳୁଥିଲେ। ବଜ୍ରପାତ ଆଘାତରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ମାତ୍ର ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା କରାଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଯାହାକୁ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସଞ୍ଜୟ ପ୍ରଧାନ ସୂଚନା ଦେଇଛନ୍ତି।




# ଚାନ୍ଦପୁରରେ ବ୍ୟବସାୟୀଙ୍କ ରାସ୍ତା ଜବରଦଖଲ



ଟାଙ୍ଗୀ,୯।୪ (ସମିସ) : କଥା ରେ ଅଛି ମୋତେ ଯେତେ ମାଠୁଛୁ ମାଠ ହେଲେ ମୁଁ ସେଇ ଦରପୋଡା କାଠ ନ୍ୟାୟରେ ଚାନ୍ଦପୁରରେ ବ୍ୟବସାୟୀମାନଙ୍କ ରାସ୍ତା ଜବର ଦଖଲ ଏକ ବଦଭ୍ୟାସ। ଚାନ୍ଦପୁର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠ ସ୍ଥଳ। ହେଲେ ବ୍ୟବସାୟୀ କିନ୍ତୁ ଅମାନିଆ ତଥା ଅମାନିଆଙ୍କୁ ଠିକ ଉପଦେଶ ଦେବାକୁ ପୁଲିସ ହାତରେ ଯଥେଷ୍ଟ କ୍ଷମତା ଥିଲେ ମଧ୍ୟ ପୁଲିସ କ୍ଷମତା ସଠିକ ବ୍ୟବହାର ନକରିବା ହେତୁ ଟ୍ରାଫିକ ବ୍ୟବସ୍ଥା ଦିନକୁ ଦିନ ବିଗିଡି ବାରେ ଲାଗିଛି। ଦିନ ଥିଲା ଚାନ୍ଦପୁର ବଜାର ଦେଇ ସାଧାରଣ ଗାଡିମୋଟର କଥା ଛାଡ ଆମ୍ବୁଲାନସ ଏପରିକି ଚାଲିକରି ଯାତାୟାତ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି ହେଉଥିଲା। ଯଥେଷ୍ଟ ରାସ୍ତା ଥିଲେ ମଧ୍ୟ ଛୋଟ ବଡ ବ୍ୟବସାୟୀମାନେ ରାସ୍ତା କୁ ମାଡି ବସି ବେପାର କରିବା ଏମାନଙ୍କର ବଦଭ୍ୟାସ। ବାରମ୍ବାର ଟ୍ରାଫିକ ସମସ୍ୟା ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପରେ ତହସିଲ ତଥା ଚାନ୍ଦପୁର ପୁଲିସର ବାରମ୍ବାର ତାଗିଦ ସତ୍ୱେ କୌଣସି ସୁଫଳ ମିଳିପାରିଲା ନାହିଁ। ଏମାନଙ୍କ ଅବାଧ୍ୟତାକୁ ପ୍ରଶାସନ ଅନୁଭବ କରିବା ପରେ ଟାଙ୍ଗୀ ଚାନ୍ଦପୁର ପ୍ରାୟ ଅଢେଇ କିଲୋମିଟର ରାସ୍ତାକୁ ସଂପ୍ରସାରଣ କରିବା ଲକ୍ଷ୍ୟରେ ୭୨୨ ଟି ବଡବଡ ବୃକ୍ଷ କାଟି ରାସ୍ତା ଚଉଡା କଲେ ଓ ଏହା ଏବେ ପ୍ରାୟ ଶେଷ ହେବା ପର୍ଯ୍ୟାୟରେ। ରାସ୍ତା ଚଉଡା ସତ୍ୱେ ଅମାନିଆ ବ୍ୟବସାୟୀ କିନ୍ତୁ ତାଙ୍କ ପୁରୁଣା ଅଭ୍ୟାସ ଛାଡି ପାରୁନାହାନ୍ତି। ଭୋର ପାଞ୍ଚ ଟାରୁ ସକାଳ ୯ ଟା ପର୍ଯ୍ୟନ୍ତ ପୁଣି ସନ୍ଧ୍ୟାରେ ପରିବା ବ୍ୟବସାୟି ରାସ୍ତାକୁ ଆବଦ୍ଧ କରି ସେମାନଙ୍କ ବ୍ୟବସାୟ କରୁଛନ୍ତି ଫଳରେ ରାସ୍ତାରେ ଯାତାୟାତରେ ପ୍ରତିବନ୍ଧକ ସମସ୍ତଙ୍କ ଦେହ ସୁହା ଅଭ୍ୟାସରେ ପରିଣତ ହୋଇଗଲାଣି। ଚାନ୍ଦପୁର ବଜାର ଉଭୟ ପାଶ୍ୱର୍ରେ ବାଡ ନିର୍ମାଣ କରି ଦିଆଗଲେ ସବୁ ସମାଧାନ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରନ୍ତି।

# ଅନୈତିକ ସମ୍ପର୍କରୁ ଶିଶୁ ଅପହରଣ ନାଟକ



- ଘଟଣାର ପର୍ଦ୍ଦାଫାସ କଲା ଜିଆରପି ପୁଲିସ
- ଅଭିଯୁକ୍ତ ଭିଣୋଇ ଗିରଫ

ଜଟଣୀ/ନିରାକାରପୁର, ୯।୪(ସମିସ): ଶାଳୀ ସହ ଅନୈତିକ ସମ୍ପର୍କ ଲୁଚାଇବାକୁ ୪ ମାସର ନିଷ୍ପାପ ଶିଶୁକୁ ନେଇ କରିଥିଲା ଅପହରଣ ନାଟକ। ରଣପୁରରୁ ତାମିଲନାଡୁ ଯାଏଁ ଚାଲିଥିଲା ଶାଳୀ ଭିଣେଇ ଲୁଚାଛପା ପ୍ରେମ । ନିରାକାରପୁର ଷ୍ଟେସନ ରେ ରାତି ଅଧରେ ନିଜେ ପିଲା ଚୋରି କରି ପୁଲିସକୁ ନିଜେ ଏତଲା ଦେଇଥିଲା । ଆଜି ଜଟଣୀ ସ୍ଥିତ ଖୋର୍ଦ୍ଧା ରୋଡ଼ ଜିଆରପି ପୁଲିସ ପୁରା ଘଟଣାର ପର୍ଦ୍ଦାଫାସ କରି ପ୍ରେସ ମିଟ୍‌ରେ ସୂଚନା ଦେଇଛି। ଘଟଣା ଅନୁଯାୟୀ, ନୟାଗଡ ଜିଲ୍ଲା ରଣପୁର କଳାମାଟିଆ ଗ୍ରାମର ପ୍ରଶାନ୍ତ କୁମାର ପ୍ରଧାନ (୨୫) ନିଜ ଶାଳୀ ଚିନୁଲତା ପରିଡାକୁ ଦୀର୍ଘ ଦିନ ହେଲାଣି ପ୍ରେମ କରୁଥିଲେ । ଉଭୟ ଶାଳୀ ଭିଣୋଇ ତାମିଲନାଡୁର ଏକ କମ୍ପାନୀରେ କାମ କରିବା ସହ ଅନୈତିକ ସମ୍ପର୍କ ରଖିଥିଲେ । ଚାରି ମାସ ପୂର୍ବରୁ ତାମିଲନାଡୁରେ ଏକ ଶିଶୁ ପୁତ୍ର ଜନ୍ମ ହୋଇଥିଲା । ତେବେ ବିବାହ ନ କରି ପିଲା ଜନ୍ମ କରିବା ପରେ ଶାଳୀ ବିବାହ କରିବାକୁ ଜିଦ ଧରିଥିଲା । ଅଭିଯୁକ୍ତ ପ୍ରଶାନ୍ତ ଚିନୁଲତାକୁ ନେଇ ଟ୍ରେନ ଯୋଗେ ପ୍ରଥମେ ବ୍ରହ୍ମପୁର, କାଲୁପଡା ଏବଂ ପରେ ୭ତାରିଖ ଦିନ ନିରାକାରପୁର ଷ୍ଟେସନରେ ଓହ୍ଲାଇଥିଲେ । ସେଠାରେ ପ୍ଲାଟଫର୍ମ ନମ୍ବର ୩ରେ ଶୋଇଥିବା ବେଳେ ପୂର୍ବ ଯୋଜନା ମୁତାବକ ରାତି ପ୍ରାୟ ୧୨ ଟା ବେଳେ ଅଭିଯୁକ୍ତ ପ୍ରଶାନ୍ତ ତା'ର ପ୍ରଥମ ସ୍ତ୍ରୀ ମିନୁଲତା ପ୍ରଧାନକୁ ଡକାଇ ଶିଶୁ ପୁତ୍ରଟିକୁ ଦେଇଥିଲେ। ସେ ଶିଶୁ ଟିକୁ ନେଇ ନିଜ ଗାଁ କଳାମାଟିଆ ପଳାଇ ଯାଇଥିଲେ । ବିଳମ୍ବିତ ରାତିରେ ପ୍ରଶାନ୍ତ ନିରାକାରପୁର ଜିଆରପିକୁ ଶିଶୁ ପୁତ୍ର ଅପହରଣ ନେଇ ଲିଖିତ ଅଭିଯୋଗ ଦେଇଥିଲେ। ପୁଲିସ ଘଟଣାର ତଦନ୍ତ କରି ପ୍ରଶାନ୍ତ ଉପରେ ସନ୍ଦେହ ହେବାରୁ ତାକୁ ଅଟକ ରଖି ଅଧିକ ତଦନ୍ତ ଚଳାଇଥିଲେ । ପରେ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିବା ସହ ସବୁ ସତ ମାନି ଯାଇଥିଲା । ତେବେ ଜିଆରପି ପୁଲିସର ଏକ ଟିମ କଳାମାଟିଆ ଗ୍ରାମକୁ ଯାଇ ଶିଶୁଟିକୁ ଉଦ୍ଧାର କରିଥିଲେ । ଜିଆରପି କେଶ ନମ୍ବର ୩୧ ରେ ମାମଲା ରୁଜୁ କରାଯାଇ ଅପହରଣ ନାଟକ କରିଥିବା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରେସ ମିଟରେ ଉପ ଆରକ୍ଷୀ ଅଧିକ୍ଷକ ଜଗନ୍ନାଥ ମଲ୍ଲିକ, ଇନିସ୍ପେକ୍ଟର ସନ୍ତୋଷ କୁମାର ବାହିନୀପତି, ସବ ଇନିସ୍ପେକ୍ଟର ଶଙ୍କର ରାଓ ଏବଂ ତଦନ୍ତକାରୀ ଅଧିକାରୀ ଦିଲୀପ ସାହୁ ଉପସ୍ଥିତ ଥିଲେ । ଅନ୍ୟପଟେ ଚିନୁଲତା ଓ ଶିଶୁ ପୁତ୍ରଟିକୁ ଖୋର୍ଦ୍ଧା ସୁଧାର ଗୃହରେ ରଖା ଯାଇଥିବା ସୂଚନା ମିଳିଛି।

● ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପୂର୍ବତନ ଯୁବ କଂଗ୍ରେସ ସଭାପତି ଥାନାରେ ଅଟକ

# ପୁଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ

ବେଗୁନିଆ, ୯।୪ (ସମିସ): ବେଗୁନିଆ ନିକଟସ୍ଥ ଭୂଇଁପୁରଠାରେ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ନୂତନ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ହୋଇଥିଲା। ତାଙ୍କ ଗସ୍ତ ପୂର୍ବରୁ ବେଗୁନିଆ ପୁଲିସ ବେଗୁନିଆ ବୋଲଗଡ଼ର ପୂର୍ବତନ ଯୁବ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଟ୍ଟନାୟକଙ୍କୁ ଡାକି ନେଇ ଅଟକ ରଖିଥିଲା ବୋଲି ସାଧାରଣରେ ଅସନ୍ତୋଷ ବ୍ୟାପିବା ସହ ପୁଲିସର ମାତ୍ରାଧିକ କାର୍ଯ୍ୟକଳାପ ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ସେ ୨୦୧୨ମସିହାରେ ବେଗୁନିଆ ନିର୍ବାଚନମଣ୍ଡଳୀର ଉପସଭାପତି ୨୦୧୫ରେ ସଭାପତି ଥିବା ବେଳେ ୨୦୦୦ମସିହାରେ ବେଗୁନିଆ ମହାବିଦ୍ୟାଳୟର ସାଧାରଣ ସମ୍ପାଦକ ଥିଲେ। ଏପରିକି ୨୦୧୭ ମସିହାରେ ବୋଲଗଡ଼ ବ୍ଲକ ର ୨୫ନଂ ଜୋନରୁ କଂଗ୍ରେସ ଟିକେଟରେ ଜିଲ୍ଲାପରିଷଦ ସଭ୍ୟ ପାଇଁ ପ୍ରତିଦ୍ୱନ୍ଦିତା କରିଥିଲେ। ବେଗୁନିଆ ଥାନା ସାମ୍ନାରେ ପୁରୁଣା ସ' ମିଲ ଭିତରେ ଦୀର୍ଘ ବର୍ଷ ହେବ ଏକ ହାଡ଼ ଭଙ୍ଗା ଚିକିତ୍ସାଳୟ (କାଲୁପଡା ସେକ)କରି ରୋଗୀ ମାନଙ୍କର ଚିକିତ୍ସା କରିଆସୁଛନ୍ତି । ଗତକାଲି ସେ ରୋଗୀ ଚିକିତ୍ସା କରୁଥିବାବେଳେ ବେଗୁନିଆ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ଫୋନ କଲ ପାଇ ବେଗୁନିଆ ଥାନାରେ ପହଁଚିବା ପରେ ଥାନା ଅଧିକାରୀ ତାଙ୍କୁ କୁଆଡେ ନ ଯାଇ ଥାନାରେ ବସିବା ପାଇଁ କହିଥିଲେ। ଏଥିରେ ଶ୍ରୀ ପଟ୍ଟନାୟକ ପୁଲିସ ଅଧିକାରୀଙ୍କୁ ପଚାରିବାରୁ କହିଥିଲେ ଯେ ଉପରିସ୍ଥ ଅଧିକାରୀ ଓ ସ୍ପେସିଆଲ ବ୍ରାଞ୍ଚ ରିପୋର୍ଟ ଅନୁସାରେ ଆପଣ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସରିଲେ ଯିବେ ବୋଲି କହିଥିଲେ। ଏଥିରେ ଶ୍ରୀ ପଟ୍ଟନାୟକ ତାଙ୍କ ଚିକିତ୍ସାଳୟରେ ରୋଗୀ ମାନେ ତାଙ୍କୁ ଅପେକ୍ଷା କରି ବସିଛନ୍ତି ବୋଲି କହିବା ପରେ ଥାନା ଅଧିକାରୀ ଏକ ଘଣ୍ଟା ପରେ ଜଣେ ଥାନା କର୍ମଚାରୀଙ୍କ ହେପାଜତରେ ତାଙ୍କୁ ଚିକିତ୍ସାଳୟକୁ ଛାଡିଥିବା ବେଳେ କର୍ମଚାରୀ ଜଣଙ୍କ ତାଙ୍କୁ ଜଗି ରହିଥିଲେ । ଏପରିକି ତାଙ୍କୁ ଖାଇବାକୁ ମଧ୍ୟ ଛାଡ଼ିନଥିଲେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସରିବା ପରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଚିକିତ୍ସାଳୟରେ ତାଙ୍କୁ ଜଗିରହିଥିବା ଥାନା କର୍ମଚାରୀ ଜଣକ ୪. ୧୫ରେ ତାଙ୍କୁ ଛାଡି ଥାନାକୁ ଆସିଥିଲେ । ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଶ୍ରୀ ସ୍ୱାଇଁଙ୍କୁ ପଚାରିବାରେ ସେ ଉଚ୍ଚ ଅଧିକାରୀଙ୍କ ଆଦେଶ ଅନୁସାରେ ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ତାଙ୍କୁ ଅଟକ ରଖି ପଚରା ଉଚରା କରି କାର୍ଯ୍ୟକ୍ରମ ସରିବା ପରେ ଛାଡିଦିଆଯାଇଥିଲା। ଏଭଳି ଅମାନବିକତା କାର୍ଯ୍ୟକୁ ସଚେତନ ନାଗରିକ ମାନେ ନାପସନ୍ଦ କରିଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ କଳସ ଶୋଭାଯାତ୍ରା

ବେଗୁନିଆ, ୯।୪(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଦୁର୍ଗା ମଣ୍ଡପ ନିକଟରେ ମହାପାଟ ଦେଇ କାଳିକା ମହୋତ୍ସବ କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ ହୋଇଛି। ଏଥିରେ ଯଜ୍ଞାଚାର୍ଯ୍ୟ ସୀତାକାନ୍ତ ପଣ୍ଡାଙ୍କ ତତ୍ୱାବଧାନରେ କର୍ତ୍ତା ଶ୍ୟାମ ସୁନ୍ଦର ଜେନା ଓ ପତ୍ନୀ ଗୀତାଞ୍ଜଳି ଉପବେସନ କରି ବୈଦିକ ରୀତି ନୀତି ଅନୁଯାଇ ବଡ ପୋଖରୀରୁ ଶୁଦ୍ଧପୁତ ଭାବରେ ସ୍ନାନ କରି କଳସ ଶୋଭାଯାତ୍ରା ସହ ଭକ୍ତି ଭାବମୟ ପରିବେଶ ମଧ୍ୟରେ ଗ୍ରାମ୍ୟ ପରିକ୍ରମା କରି ଯଜ୍ଞ ସ୍ଥଳରେ ସ୍ଥାପନ ହୋଇ ଅଙ୍କୁରା ରୋପଣ କରାଯାଇଛି। ଏହି ଅବସରରେ ମା'ଙ୍କ ୩୦ଟି ସୁ ସଜ୍ଜିତ ବେଶରେ ପ୍ରତିମୂର୍ତ୍ତି ବିରାଜ ମାନ କରିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା।

## ବୀଣାପାଣି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ଖୋର୍ଦ୍ଧା, ୯।୪(ସମିସ): ସ୍ଥାନୀୟ ଗାନ୍ଧୀ ପଡ଼ିଆସ୍ଥିତ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ବୀଣାପାଣି ଶିଶୁ ବିଦ୍ୟା ମନ୍ଦିରର ୩୬ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବିରଂଚି କୁମାର ସାହୁଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ପିଲାଙ୍କ ଜ୍ଞାନର ବୃଦ୍ଧି ଲାଗି ପାଠାଗାର, ବିଜ୍ଞାନଗାର ଓ ଆବଶ୍ୟକୀୟ ଶ୍ରେଣୀ ଗୃହ ନିର୍ମାଣ ଲାଗି ସହାୟତା ପ୍ରଦାନ କରିବାକୁ ପ୍ରତିଶୃତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା ସୁରେଶ ଚନ୍ଦ୍ର ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, କାଉନସିଲର ଅମୀୟ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଜ୍ୟୋସ୍ନାମୟୀ ପ୍ରଧାନ, କାଇପଦର କଲେଜର ପୂର୍ବତନ ଅଧକ୍ଷ ଦେବେନ୍ଦ୍ର କୁମାର ମାନସିଂ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ରେଣୁକା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୬୫ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ନୃସିଂହ କୁମାର ମହାପାତ୍ର ପରିଚାଳନା କରିଥିବାବେଳେ ପ୍ରତିଷ୍ଠାତା ତଥା ବରିଷ୍ଠ ଶିକ୍ଷକ ନିରାକାର ପ୍ରଧାନ, ପ୍ରକାଶ ଚନ୍ଦ୍ର ଦାସ, ପ୍ରଶାନ୍ତ ସାମନ୍ତରାୟ, ସନ୍ତୋଷ ଦାସ, ସାଧନା ମହାନ୍ତି, ସୁରେଶ ଚନ୍ଦ୍ର ନାୟକ, ସ୍ୱର୍ଣ୍ଣଲତା ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୨ରେ ମା' କାଳିକାଙ୍କ ପଞ୍ଚଦଣ୍ଡ ମେଳଣ ଉତ୍ସବ

ବେଗୁନିଆ, ୯।୪ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମର ଗୋପୀନାଥ ଦେବଙ୍କ ପୀଠରେ ମା' କାଳିକା ଦଣ୍ଡ କାଳୀ ପଞ୍ଚଦଣ୍ଡ କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ଦଣ୍ଡ ମେଳଣ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବଟି ଚଳିତ ମାସ ୧୨ ରିଖରେ ଆରମ୍ଭ ହୋଇ ୧୩ ରିଖରେ ଉଦଯାପିତ ହେବ। ଏଥିରେ ପାଟଭକତା ବେଣୁଧର ମହାରଣା ଆବାହକତ୍ୱରେ ଧାନଘର ନୂଆଗାଁ, କୁଶପଲା, ମୁକୁନ୍ଦପୁର, ମଲିପଦର୍ ଓ ବଡ଼ବେରଣା ଗ୍ରାମର ଦଣ୍ଡ ଯୋଗ ଦେବେ ବୋଲି ପାଟଦଣ୍ଡୁଆ ଦୁର୍ଗା ପ୍ରସାଦ ବାରିକ୍ ଓ ପରିଚାଳକ ପ୍ରାଣନାଥ ପ୍ରଧାନ କହିଛଛନ୍ତି।

# ମହାପାଟଦେଇ କାଳିକା ମହୋତ୍ସବ ଉଦ୍‌ଘାଟିତ




ବେଗୁନିଆ, ୯।୪(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଦୁର୍ଗାପୂଜା ମଣ୍ଡପ ନିକଟରେ ମହା ପାଟଦେଇ କାଳିକା ମହୋତ୍ସବ ଉଦଘାଟିତ ହୋଇଛି। ଏଥିରେ ଶିକ୍ଷାବିତ୍ ଯୋଗେଶ୍ୱର ସୁନ୍ଦରାୟଙ୍କ ଅଧକ୍ଷତା ଓ ଲୋକନାଥ ଜେନାଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ, ସମାଜସେବୀ ଲକ୍ଷ୍ମୀକାନ୍ତ ମହାପାତ୍ର, ନୀଳକଣ୍ଠ ସ୍ୱାଇଁ, ସାହି କମିଟି ସଭାପତି ବ୍ରଜ କିଶୋର ସାହୁ, ବିଶ୍ୱନାଥ ମହାପାତ୍ର, ପ୍ରତାପ କୁମାର ସାହୁ ଓ ଲୋକନାଥ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ଭାଇଚାରା ମାଧ୍ୟମରେ ଶାନ୍ତିପୂର୍ଣ୍ଣ ସଂହତି ରକ୍ଷା କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ପରେ ବଡବେରଣା ମା' କାଳିକା ଦେବୀ ସାଂସ୍କୃତିକ ପରିଷଦ ଓ ଗୀତିକାର ପ୍ରଫୁଲ୍ଲ କୁମାର ଦେଉରୀଙ୍କ ଦ୍ୱାରା ଭଜନ ପରିବେଷଣ ସହ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷିତ ହୋଇଥିଲା।

## ରମେଶ୍ୱର ଭାଗବତ ମେଳଣ

ନିରାକାରପୁର, ୯।୪ (ସମିସ): ଖୋର୍ଦ୍ଧା ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ପର୍ବ ରମେଶ୍ୱର ଭାଗବତ ମେଳଣ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ, ରମେଶ୍ୱର ଖମାରସାହି ଓ ମହିଷାହିର ଭାଗବତ ଦେବଙ୍କ ସନ୍ଧ୍ୟାକାଳୀନ ପୂଜାର୍ଚ୍ଚନା ପରେ ଏକ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଇଥିଲା। ଉତ୍ସବର ଶୋଭାଯାତ୍ରାରେ ନାଗା-ପରୀ, କେଳା-କେଲୁଣୀ, ଧୋବା-ଧୋବଣୀ ଓ ଶିବ-ପାର୍ବତୀଙ୍କ ବେଶ ସହିତ ପାରମ୍ପରିକ ପଶୁ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ମେଳଣରେ ସ୍ଥାନୀୟ ତାଳପଦା, ରମାବିଲି, ମଧୁବନ, କୁନିଆ ସାମନ୍ତରାପୁର, ଶତାପଦର, ପାଟପୁର ଓ ମିରିଗଦୟଣୀ ଆଦି ଅଞ୍ଚଳରୁ ଭାଗବତ ଦେବଗଣ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ଜନସମାଗମକୁ ଦୃଷ୍ଟିରେ ରଖି ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇ ଶୃଙ୍ଖଳା ରକ୍ଷା କରାଯାଇଥିଲା।

# ମଦ ସହ ଦୁଇ ବାଇକ୍ ଜବତ, ଜଣେ ଗିରଫ

ବାଲୁଗାଁ, ୯।୪(ସମିସ) ; ବାଲୁଗାଁ ଅବକାରୀ ଅଧିକାରୀ ଦାୟୀତ୍ୱରେ ଥିବା ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଗୁରୁବାର ପୂର୍ବାହ୍ନରେ ବାଣପୁର ଥାନା ଅନ୍ତର୍ଗତ ଶାଳିଆ କେନାଲ ରାସ୍ତାର ଭୁସ୍କାପଡା ଗ୍ରାମ ନିକଟରେ ଚଢାଉ କରିଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଜଣେ ବ୍ୟକ୍ତି ଏକ ବାଇକ୍‌ରେ ଦୃତ ଗତିରେ ଆସୁଥିବା ବେଳେ ତାକୁ ଅଟକାଇ ତଲାସିବାରେ ଗୋଟିଏ ବସ୍ତାରେ ଦେଶୀ ମଦ ଧରି ଆସୁଥିବା ଜଣାପଡିଥିଲା। ଅବକାରୀ ଟିମ ସମ୍ପୃକ୍ତ ମଦ ବେପାରୀ ବାଣପୁର ଥାନା ଅନ୍ତର୍ଗତ ଭୀମପୁର ଗ୍ରାମର ନରହରି ବାରିକି ଓରଫ ହରସ (୪୬)କୁ ଗିରଫ କରି ତାଙ୍କ ନିକଟରୁ ୫୧ ଲିଟର ଦେଶୀ ମଦ ସମେତ ଚୋରା ମଦ ଚାଲାଣରେ ବ୍ୟବହୃତ ଏକ ବାଇକ୍ ଜବତ କରିଥିଲେ। ଅନୁରୂପ ଭାବେ ଉକ୍ତ ଶାଳିଆ କେନାଲ ରାସ୍ତାର ବନବାସପୁର ଗ୍ରାମ ନିକଟରେ ଚଢାଉ କରି ସେହି ରାସ୍ତା ଦେଇ ଏକ ବାଇକ୍ ଯୋଗେ ଚୋର ମଦ ନେଇ ଆସୁଥିବା ଅନ୍ୟ ଜଣେ ଅଭିଯୁକ୍ତକୁ ଅବକାରୀ ଟିମ ଅଟକାଇବା ବେଳେ ପୁଲିସକୁ ଦେଖି ଅଭିଯୁକ୍ତ ଜଣକ ବାଇକ ଓ ମଦ ଛାଡି କୌଶଳ କ୍ରମେ ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ। ତେବେ ଅବକାରୀ ବିଭାଗ ସେଠାରୁ ଚୋରା ମଦ ଚାଲାଣରେ ବ୍ୟବହୃତ ଉକ୍ତ ବାଇକ୍ ସହ ୧୧୦ଲିଟର ଦେଶୀ ମଦ ଜବତ କରିଛି।

# ବୁଲିଲା ଶିକ୍ଷା ସଚେତନତା ରଥ



ନିରାକାରପୁର,୯।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଶିକ୍ଷା ବିଭାଗ ଅଧୀନ ଲାଳିତପାଟପୁର ଓ ରାମେଶ୍ୱର କ୍ଲଷ୍ଟରେ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ନାମ ଲେଖାଇ ପାଠ ପଢିବାକୁ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ସରକାର ଖଡିଛୁଆଁ ଏବଂ ପ୍ରବେଶ ଉତ୍ସବ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ଟାଙ୍ଗୀ ବ୍ଲକ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଅନୁଷ୍ଠିତ ହୋଇଛି। ଟାଙ୍ଗୀ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ମଣ୍ଡଳ ଶିକ୍ଷାଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶ ଅନୁସାରେ ଏକ ଶିକ୍ଷା ସଚେତନତା ରଥ ବିଭିନ୍ନ ବିଦ୍ୟାଳୟ ଏବଂ ଗ୍ରାମ ପରିକ୍ରମା କରିଛି। ଅନୁରୂପ ଭାବେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଚିତ୍ରକୂଟବିହାର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପଟ୍ଟନାୟକ ଏହି ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରିଥଲେ। ବିଦ୍ୟାଳୟର ସଭାପତି ମନୋଜ କୁମାର ପ୍ରଧାନ, ସହକାରୀ ଶିକ୍ଷକ ସଚିତ୍ରା କୁମାର ପାଇକରାୟ, ସିଆରସିସି ମଳୟ କୁମାର ମଙ୍ଗରାଜ, ଶିକ୍ଷକ ନେତା ଅମର କୁମାର ଜୟସିଂହ ଉପସ୍ଥିତ ରହି ସ୍ୱାଗତ ଜଣାଇ ବା ସହିତ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନାଚ ଗୀତ ମାଧ୍ୟମରେ ସ୍ୱାଗତ କରାଯାଇ ଥିଲା।

## ରାଜଯୋଗିନୀ ରତନମୋହିନୀ ଦାଦୀଙ୍କ ସ୍ମୃତିସଭା

ଖୋର୍ଦ୍ଧା, ୯।୪(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମଗ୍ର ବିଶ୍ୱରେ ୧୪୦ଟି ଦେଶରେ ଈଶ୍ୱରୀୟ ଜ୍ଞାନ ର ପ୍ରସାର କରିଥିବା ଏହି ସଂସ୍ଥାର ପୂର୍ବତନ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦୀ ରତନମୋହିନୀଙ୍କର ପ୍ରଥମ ପୂଣ୍ୟ ତିଥିର ସ୍ମୃତି ଚାରଣ ସଭା ଆଜି ସ୍ଥାନୀୟ ଗୋଡିପୋଖରୀସ୍ଥିତ ବ୍ରହ୍ମା କୁମାରୀ ସେବା କେନ୍ଦ୍ର ପରିସରରେ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବରେ ଖୋର୍ଦ୍ଧା ସହରର ଉପକଣ୍ଠରେ ଅର୍ଜନପୁରଠାରେ ଥିବା ୬ଷ୍ଠ ଭାରତ ରିଜର୍ଭ ବାଟାଲିୟନର କମାଣ୍ଡାଣ୍ଟ ବସନ୍ତ ନାୟକ ଯୋଗଦାନ କରି ଦାଦୀଙ୍କର ଆଦର୍ଶ ରେ ଅନୁପ୍ରାଣିତ ହେବା ପାଇଁ ସମସ୍ତଙ୍କୁ କହିଥିଲେ। ସେବାକେନ୍ଦ୍ର ସଂଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀ ସମସ୍ତଙ୍କୁ ଦାଦୀ ଙ୍କର ମହିମା ଓ ଗୁଣମାନ ଶୁଣାଇଥିଲେ। ବ୍ରହ୍ମା କୁମାର ଜୟକୃଷ୍ଣ ଭାଇ ଦାଦୀଙ୍କର ସଙ୍ଗର ଅନୁଭବ ଶୁଣାଇ ମଂଚ ପରିଚାଳନା କରିଥିଲେ। ବିଭିନ୍ନ ବ୍ରହ୍ମା କୁମାରୀ ପାଠଶାଳାରୁ ଶତାଧିକ ଭାଇଭଉଣୀ ଏଥିରେ ଯୋଗଦାନ କରିଥିଲେ।

# ନିରାକାରପୁର ହାଇସ୍କୁଲ ପଡ଼ିଆରେ ୧୩ ଶମ୍ଭୁଙ୍କ ମହାମିଳନ



ନିରାକାରପୁର, ୯।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ହାଇସ୍କୁଲ ପଡ଼ିଆରେ ଅତ୍ୟନ୍ତ ଆଡ଼ମ୍ବର ସହକାରେ ତ୍ରୟୋଦଶ ଶମ୍ଭୁ ଦଣ୍ଡ ମହାମିଳନ ପର୍ବ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଆଖପାଖ ଅଞ୍ଚଳର ୧୩ଟି ପ୍ରମୁଖ ଶୈବପୀଠରୁ ଆସିଥିବା ପ୍ରଭୁ ଶମ୍ଭୁଙ୍କ ପଟୁଆର ଏକାଠି ହୋଇ ଏକ ଦିବ୍ୟ ପରିବେଶ ସୃଷ୍ଟି କରିଥିଲେ। ୧୩ ଶୈବପୀଠର ପଟୁଆର ଓ ପରିକ୍ରମା ଏହି ଭବ୍ୟ ମିଳନରେ ନିରାକାରପୁରର ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ସମେତ ଲେଣ୍ଡୁର ଚନ୍ଦନେଶ୍ୱର ଦେବ, ଷୋଡ଼ରପୁରର କପିଳେଶ୍ୱର ଦେବ, ବାଦୁରବରର କୁମୁଦେଶ୍ୱର ଦେବ, ବୋଦଙ୍ଗରାର ଲୋକନାଥ ଦେବ, ଆସେଲିର ଚନ୍ଦନେଶ୍ୱର ଦେବ, ଅରାଞ୍ଚଳର ଗ୍ରାମେଶ୍ୱର ଦେବ, ବାଲିଗାଁ କପିଳେଶ୍ୱର ଦେବ, ଗୋଳବାଇ ଗୁଣ୍ଡୁଣୀର କୃଷ୍ଣେଶ୍ୱର ଦେବ, ରୋଷଣାର ଇଷାନେଶ୍ୱର ଦେବ, ପାଣ୍ଡବପାଟଣାର କପିଳେଶ୍ୱର ଦେବ, ହଜର ନାଟ୍ୟେଶ୍ୱର ଦେବ, ହରିପୁର ବିଶ୍ୱନାଥ ଦେବ ଏବଂ ଗୋଡ଼ିପଦରର କୃଷ୍ଣେଶ୍ୱର ଦେବ ପ୍ରମୁଖ ନିଜ ନିଜର ପଟୁଆର ସହ ଉପସ୍ଥିତ ହୋଇଥିଲେ। ପ୍ରଥମେ ସମସ୍ତ ଠାକୁର ନୀଳକଣ୍ଠେଶ୍ୱର ଦେବଙ୍କ ପଡ଼ିଆରେ ପହଞ୍ଚିବା ପରେ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ହାଇସ୍କୁଲ ପଡ଼ିଆକୁ ଆସିଥିଲେ। ଭକ୍ତମାନେ ନିଜ ଦ୍ୱାର ଆଗରେ ଝୋଟି ଓ ଚିତା ପକାଇ ଠାକୁରଙ୍କୁ ସ୍ୱାଗତ କରିଥିଲେ। ମହାମିଳନ ସ୍ଥଳରେ ଭକ୍ତାମାନଙ୍କ ଦ୍ୱାରା ପ୍ରଦର୍ଶିତ ଦଣ୍ଡ ନୃତ୍ୟ ଓ ବିଭିନ୍ନ କଳାକୌଶଳ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆତସବାଜିର ପ୍ରକମ୍ପନ ଓ ହରିବୋଲ ହୁଳହୁଳି ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ଏହି ଦିବ୍ୟ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଖରୁଡ଼ା ମହାସଂଘ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଦହିପଣା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ରବୀନ୍ଦ୍ର ରାଉତରାୟ, ସମ୍ପାଦକ ସତ୍ୟବାଦୀ ବଳବନ୍ତରାୟ ଏବଂ କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉଦଘୋଷକ ଭାବେ ଡ. ପୂର୍ଣ୍ଣଚନ୍ଦ୍ର ଦାସ ଓ ପଣ୍ଡିତ ଶ୍ୟାମ ସୁନ୍ଦର ପଟ୍ଟନାୟକ ଯୋଗଦେଇ ଶମ୍ଭୁ ମିଳନର ମାହାତ୍ମ୍ୟ ଉପରେ ପ୍ରବଚନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ହୃଷିକେଶ ରାଉତରାୟ, ସମାଜସେବୀ ଇଞ୍ଜିନିୟର ପ୍ରଭାତ କୁମାର ସ୍ୱାଇଁ, ବିଜୟ କୁମାର ଜୟସିଂହ, ନବ କିଶୋର ସାହୁ, ବିପିନ ରାଉତରାୟ, ଆର୍ତ୍ତତ୍ରାଣ ରାଉତରାୟ, ରାଜେଶ ସାହୁ, ପ୍ରସାଦ କୁମାର ଦାସ, ଡମ୍ବୁରଧର ପରିଡ଼ା, ଜାଗର ମାଝୀ, ମନୋଜ କୁମାର ପ୍ରଧାନ , ଲକ୍ଷ୍ମୀକାନ୍ତ ପ୍ରଧାନ , ଟିମା ପ୍ରଧାନ, କାଳିଆ ପ୍ରଧାନ, ଗୋପୀ ପ୍ରଧାନ, ପ୍ରଫୁଲ୍ଲ ବାରିକ ଓ ଶିବୁ ପ୍ରଧାନ, ଆନନ୍ଦ ବେହେରା, ଶ୍ୟାମ ବେହେରାଙ୍କ ସମେତ ଅନେକ ସଭ୍ୟ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନେତୃତ୍ୱରେ ପୁଲିସ ବାହିନୀ ମୁତୟନ ହୋଇଥିଲେ।

## ନାଳନ୍ଦା ପବ୍ଲିକ ସ୍କୁଲର ସାମ୍ବତ୍ସରିକ ଉତ୍ସବ

ବେଗୁନିଆ, ୯।୪ (ସମିସ): ବେଗୁନିଆ ସଦର ମହକୁମା ସ୍ଥିତ ନାଳନ୍ଦା ପବ୍ଲିକ ସ୍କୁଲର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ଅଜୟ କୁମାର ସାହୁଙ୍କ ଅଧକ୍ଷତା ଓ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ଶିକ୍ଷକ ଅଖିଳ ମହାପାତ୍ର ମୁଖ୍ୟ ଅତିଥି ଓ ସନ୍ତୋଷ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭଲ ପାଠ ପଢି ସୁ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ସଭାର ପ୍ରାରମ୍ଭରେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଅଧକ୍ଷ ରାଜେଶ କୁମାର ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

